# ଓଡ଼ିଶା ହତାଶ...

ରାଜ୍ୟର ସାଂସଦ ଯଥା– ଖାରବେଳ ସ୍ୱାଇଁ, ଜୁଏଲ ଓରାମ, ଧର୍ମେନ୍ଦ୍ର ପ୍ରଧାନ, ବ୍ରହ୍ମାନନ୍ଦ ପଣ୍ଡା, ପ୍ରସନ୍ନ ପାଟଶାଣୀ, ସୁଗ୍ରୀବ ସିଂହ ଓ ପ୍ରସନ୍ନ ଆଚାର୍ଯ୍ୟ ଏବଂ ବି.କେ ଦେଓ ପ୍ରମୁଖ ଖୁବ୍ ଉତ୍ତେଜିତ ହୋଇ ପାଟିତୁଣ୍ଡ କରିବା ସଂଗେ ସଂଗେ ଗୃହର ମଧ୍ୟଭାଗକୁ ଆସି ଯାଇଥିଲେ । ପ୍ରବଳ ହଟ୍ଟଗୋଳ ମଧ୍ୟରେ ବିଶେଷ କିଛି ଶୁଣାଯାଉନଥିଲେ ହେଁ ଏହି ସାଂସଦମାନେ ଓଡିଶା ପ୍ରତି ଘୋର ଅବିଚାର ହେଉଥିବା ଦର୍ଶାଇ ଏହାକୁ ବରଦାସ୍ତ କରାଯିବ ନାହିଁ ବୋଲି କହୁଥିବା ଶୁଣାଯାଉଥିଲା । ଏହାପରେ ବିଜେପି ନେତା ବି.କେ. ମାଲହୋତ୍ରା ଓଡିଶା ପ୍ରତି ଅନ୍ୟାୟ୍ ହେଉଥିବା ଅଭିଯୋଗ କରି ଏହାର ପ୍ରତିବାଦରେ ସମଗ୍ର ଏନଡିଏ କକ୍ଷତ୍ୟାଗ କରୁଥିବା ଘୋଷଣା କରିଥିଲେ । ଏହା ସଂଗେ ସଂଗେ ବ୍ରଜକିଶୋର ତ୍ରିପାଠୀ ଓ ଭର୍ତ୍ତୃହରି ମହତାବଙ୍କ ସମେତ ରାଜ୍ୟର ଉପରୋକ୍ତ ସାଂସଦମାନେ ଗହଛାଡି ଚାଲିଯାଇଥିଲେ ।